● ଅନୁଗୋଳ ପୁଲିସକୁ ସଫଳତା

# ସୁଧାର ଗୃହରୁ ଫେରାର ନାବାଳକକୁ ଧରିଲା ସ୍ୱତନ୍ତ୍ର ଟିମ୍



ଅନୁଗୋଳ,୭ ।୬(ସମିସ): ସ୍ଥାନୀୟ ଜୁଭେନାଇଲ୍ ହୋମ୍ (ସୁଧାର ଗୃହ)ରୁ ଫେରାର ହୋଇଯାଇଥିବା ଜଣେ ନାବାଳକକୁ ଅନୁଗୋଳ ଟାଉନ୍ ପୁଲିସ କାବୁ କରିବାରେ ସଫଳ ହୋଇଛି । ନାବାଳକକୁ ଖୋଜି ବାହାର କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସୂଚନା ଅନୁଯାୟୀ, ନାବାଳକ ଜଣକ ସୁଧାର ଗୃହରୁ ଚମ୍ପଟ ମାରିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଓ ତଦନ୍ତ ଜାରି ରଖିଥିଲା । ଶେଷରେ ନାବାଳକକୁ ସୁରକ୍ଷିତ ଭାବେ ଧରିଛି ପୁଲିସ । ଆଇନ ଅନୁଯାୟୀ, ଆବଶ୍ୟକ ପ୍ରକ୍ରିୟା ଶେଷ କରି ନାବାଳକକୁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର କରାଯାଇଛି । ଫେରାର ଘଟଣାରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଏକ ମୋବାଇଲ ଚୋରି ମାମଲାରେ ପୁଲିସ ଦ୍ୱାରା ଗିରଫ ହୋଇ ସରକାରୀ ପର୍ଯ୍ୟବେକ୍ଷଣ ଗୃହରେ ରହୁଥିଲା । ରବିବାର ଭୋର ସମୟରେ କାହାରି ନଜରକୁ ନ ଆସି ସେ ସୁରକ୍ଷା ବଳୟକୁ ଚକମା ଦେଇ ଗୃହ ପଛପଟ ପାଚେରି ଡେଇଁ ସେ ଫେରାର ହୋଇଯାଇଥିଲା । ସକାଳେ ଗଣତି ସମୟରେ ନାବାଳକ ସେଠାରେ ନ ଥିବା ଜାଣି କର୍ତ୍ତୃପକ୍ଷ ଖୋଜାଖୋଜି ଆରମ୍ଭ କରିଥିଲେ । ଶେଷରେ ସେ ଧରାପଡ଼ିଛି ।

■ ଅଘୋଷିତ ବିଦ୍ୟୁତ କାଟ୍ ଓ ସ୍ମାର୍ଟ ମିଟର ଲଗାଇବା ବନ୍ଦ ଦାବି

# ଜୁନ ୯ରେ ଟାଟା ପାୱାର ଅଫିସ ସମ୍ମୁଖରେ ଆନ୍ଦୋଳନ

ଅନୁଗୋଳ,୭ ।୬(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଅଘୋଷିତ ଘନ ବିଦ୍ୟୁତ କାଟ ବନ୍ଦ କରିବା, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ଓ ଲଗାଯାଇଥିବା ସ୍ମାର୍ଟ ମିଟର ଅବିଳମ୍ବେ ପ୍ରତ୍ୟାହାର କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଇଦେବା, ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବାତିଲ କରିବା ପ୍ରଭୃତି ଦାବୀରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଂଜୁମସ୍ର୍ ଆସୋସିଏସନ୍ (ଏଆଇଇସିଏ) ପକ୍ଷରୁ ଜୁନ୍ ୭ରୁ ୧୪ ଏକ ସପ୍ତାହ ଧରି ଜିଲ୍ଲା ବ୍ୟାପୀ ଆନ୍ଦୋଳନ ପରିପ୍ରେକ୍ଷୀରେ ଜୁନ୍ ୯ରେ ଅନୁଗୋଳ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ଏଆଇଇସିଏର ରାଜ୍ୟ ଆବାହକ ଜୟସେନ୍ ମେହେର, ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇ, ସର୍ବଭାରତୀୟ କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଦୁଃଖିଶ୍ୟାମ ମଲ୍ଲିକ, ବିଷ୍ଣୁ ସାହୁ ପ୍ରମୁଖ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

# ରେଡକ୍ରସ ସୋସାଇଟି ପକ୍ଷରୁ ସହାୟତା ପ୍ରଦାନ

ପାଲଲହଡ଼ା,୭ ।୬(ସମିସ): ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାଲଲହଡ଼ାରେ ରେଡକ୍ରସ ସୋସାଇଟି ପାଣ୍ଠିରୁ ଆନନ୍ଦ ନାଏକଙ୍କୁ ନିଜ ପୁଅର ଶବସତ୍କାର ପାଇଁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ପ୍ରଦାନ କରାଯାଇଛି । ଆନନ୍ଦ ନାଏକଙ୍କ ଦ୍ୱାରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଥିବା ଆବେଦନ ଆଧାରରେ ଏହି ଅର୍ଥ ମଞ୍ଜୁର କରାଯାଇଛି । ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଆନନ୍ଦଙ୍କ ଆବେଦନକୁ ଗ୍ରହଣ କରି ଏହାର ସମାଧାନ ପାଇଁ



ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ପାଲଲହଡ଼ା ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ରାଜସ୍ୱ ନିରୀକ୍ଷକ ଦେବାଶିଷ ସାହୁଙ୍କ ସହ ତୁରନ୍ତ ଆନନ୍ଦ ନାଏକଙ୍କ ଘର ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ, ପ୍ରଶାସନିକ ଅଧିକାରୀମାନେ ଆନନ୍ଦଙ୍କ ଆବେଦନର ଯଥାର୍ଥତା ଯାଞ୍ଚ କରିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

ତାଳଚେର ମେଡିକାଲ କଲେଜ ଷ୍ଟାଫ୍‌ନର୍ସ ନିଯୁକ୍ତି କେଳେଙ୍କାରୀ

# ଜାଲ୍ ପ୍ରମାଣପତ୍ରରେ ୨୪ ନୁହେଁ, ୬୦ ନିଯୁକ୍ତି

ତାଳଚେର,୭ ।୬(ସମିସ):

ତାଳଚେର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଷ୍ଟାଫନର୍ସ ନିଯୁକ୍ତି କେଳେଙ୍କାରୀର ଗୁମର ଧୀରେ ଧୀରେ ପଦାକୁ ଆସୁଛି । ଜାଲ୍ ପ୍ରମାଣପତ୍ର ଦେଇ ୨୪ଜଣ ନୁହେଁ ୬୦ଜଣ ନକଲି ଷ୍ଟାଫନର୍ସ ନିଯୁକ୍ତି ପାଇଥିବା ଜଣାପଡ଼ିଛି । ଏ ନେଇ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଶିକ୍ଷିତ ଯୁବକ, ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ମିଳିବା କଥା । କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ଆସାଧୁ ନିଯୁକ୍ତି ସଂସ୍ଥା ସ୍ଥାନୀୟ ଦଲାଲଙ୍କ ସହାୟତାରେ ନିଯୁକ୍ତି ଦେଇ ମୋଟା ଅଙ୍କର ହାତଗୁଞ୍ଜା ନେଇଥିବା ଚର୍ଚ୍ଚା ହେଉଛି । ସ୍ଥାନୀୟ କୁଜିନେତାମାନେ ମଧ୍ୟ ଏଥିରେ ସମ୍ପୃକ୍ତ ଥିବାରୁ କେହି ମୁହଁ ଖୋଲୁନାହାନ୍ତି ।

ସୂଚନା ମୁତାବକ ପ୍ରଜ୍ଞାପାରମିତା ବୁର୍ଗ ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ଷ୍ଟାଫନର୍ସ ଭାବେ ଚାକିରି କରିଛନ୍ତି । ଚାକିରି ପାଇଁ ସେ ଅନୁଗୋଳ ତୁରଙ୍ଗସ୍ଥିତ ସେବା ସ୍କୁଲ ଅଫ୍ ନର୍ସିଂରୁ ଜିଏନଏମ କୋର୍ସ କରିଥିବା ସାର୍ଟିଫିକେଟ୍ ଦାଖଲ କରିଛନ୍ତି । ସାର୍ଟିଫିକେଟ ଅନୁସାରେ ୨୦୨୧ ଡିସେମ୍ବର ୧୦ରେ ଜିଏନଏମ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ୨୦୨୫ ମାର୍ଚ୍ଚ ୨୦ରେ ପାଠପଢ଼ା ଶେଷ କରିଛନ୍ତି । ତେବେ ସେବା ସ୍କୁଲ ଅଫ୍ ନର୍ସିଂରେ ଏଭଳି ନାମଧାରୀ କେହି ପାଠପଢ଼ି ନ ଥିବା ସ୍ପଷ୍ଟ କରିଛନ୍ତି କଲେଜ ଅଧ୍ୟକ୍ଷ । ସେ କହିଛନ୍ତି, କେବଳ ପ୍ରଜ୍ଞା ନୁହନ୍ତି ସେବା ସ୍କୁଲ ଅଫ୍ ନର୍ସିଂର ମାଟି ମାଡ଼ି ନ ଥିବା ଖଗପତି ସାହୁ, ଜସ୍ମିଲିମା ଭୋଇ, ଜାନନୀ ଗଡ଼ନାୟକ, ମୀରା ମହାଳିକ, ଚିତ୍ରରେଖା ସାହୁ, ସୁଜାତା ନାଏକ, ତୁଳସୀ ବୀର, ବିଦ୍ୟାସିନୀ ମହାଳିକ, ଏଲିନା ମହାନ୍ତି, ମଣି ନାଏକ, ପିପିଲି ପ୍ରଧାନ, ସସ୍ମିତାରାଣୀ ଲେଙ୍କା, ସୋନାଲିସା ବେହେରା, ଶିବାନୀ ଦେହୁରୀ, ପ୍ରଣତି ସେଠୀ, ପୂର୍ଣ୍ଣିମା ନାଏକ, ପ୍ରଜ୍ଞାପରମିତା ନାଏକ, ବୁଦ୍ଧସ୍ମିତା ନାଏକ, ସତ୍ୟସ୍ୱରୂପା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦ୍ୱିବେଦୀ, ବନିତା ମାଝୀ, ଜିନତ ବାର୍ଲାଙ୍କ ଭଳି ୬୦ ଜଣ ଏହି କଲେଜ ନାମରେ ଜାଲ ସାର୍ଟିଫିକେଟ୍ ଦାଖଲକରି ଏବେ ମେଡିକାଲ କଲେଜରେ ଷ୍ଟାଫନର୍ସ ଭାବେ କାର୍ଯ୍ୟ କରୁଛନ୍ତି ।



ଆଉଟସୋର୍ସିଂ ସଂସ୍ଥା ପାଲଟିଛି ସର୍ବେସର୍ବା

ସୂଚନାଯୋଗ୍ୟଯ, ରାଜ୍ୟର ଅନ୍ୟ ଜିଲ୍ଲାରେ ଗଢ଼ି ଉଠିଥିବା ମେଡିକାଲ କଲେଜଗୁଡ଼ିକରେ ଓଏସ୍‌ଏସ୍ (ସରକାରୀ ସଂସ୍ଥା) ଜରିଆରରେ ନିଯୁକ୍ତି ଦିଆଯାଉଥିବା ବେଳେ ତାଳଚେର ମେଡିକାଲ କଲେଜରେ ଏମସିଏଲ ପକ୍ଷରୁ ଝାଡ଼ଖଣ୍ଡସ୍ଥିତ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ ଫୋର୍ସ ନାମକ ଆଉଟସୋର୍ସିଂ ସଂସ୍ଥା ଷ୍ଟାଫନର୍ସଙ୍କୁ ନିଯୁକ୍ତି ଦେଇଛି । ତେବେ ଏମାନଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ କେଉଁ ଆଧାରରେ, କିପରି ଓ କାହା ପ୍ରରୋଚନାରେ ନିଯୁକ୍ତି କରାଗଲା ତାକୁ ନେଇ ବିଭିନ୍ନ ମହଲରେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଏ ସମ୍ପର୍କରେ ଅନୁଗୋଳ ଜିଲ୍ଲାପାଳ ଶନିବାର ଚିଠି କରି ଏହାର ତଦନ୍ତ ପାଇଁ ଜାଗୃତି ବିହାର ସମ୍ବଲପୁର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟରଙ୍କୁ ଜଣାଇଛନ୍ତି । ୧ସେହିଭଳି ଅନ୍ୟ ପଦବୀରେ ଠିକା ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସାର୍ଟିଫିକେଟ ଯାଞ୍ଚ ହେବା ସହ ଏହି କେଳେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ସୂଚନାଯୋଗ୍ୟ, ସ୍ଥାନୀୟ ଲୋକେ ଭିଟାମାଟି ହରାଇ ବେରୋଜଗାର ଅବସ୍ଥାରେ କାଳତିପାତ କରୁଥିବା ବେଳେ ଏଠିକାର ବେକାର ଯୁବକ ଯୁବତୀଙ୍କୁ ଛୋଟ ନିଯୁକ୍ତି ଦେବାରେ କମ୍ପାନୀ ଓ ସମ୍ପୃକ୍ତ ଠିକାସଂସ୍ଥା ମୁହଁ ବୁଲେଇ ଦେଇ ଏପରି କେଳେଙ୍କାରୀ କରୁଛନ୍ତି । ସବୁ ପ୍ରକାର ନିଯୁକ୍ତିର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ପ୍ରକାଶ ପାଇଛି ।

# ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କ ଯୋଗଦାନ



କିଶୋରନଗର,୭ ।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ସୁପ୍ରଭା ସାହୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍କଳ କିଶୋର ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଶୁକ୍ରବାର ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବାମୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବବ୍ରୁବାହାନ ପ୍ରଧାନଙ୍କ ସମେତ ମନୋରଞ୍ଜନ ସାହୁ, ସୁନୀଲ ପ୍ରଧାନ, ମୋନାଲିସା ପ୍ରଧାନ, ସାବିତ୍ରୀ କିସାନ, ସୁଜାତା ଲୁହା ଓ ବିଦ୍ୟାଳୟର ଶିକ୍ଷକ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହାପୂର୍ବରୁ ଶ୍ରୀମତୀ ସାହୁ କିଶୋରନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିବର୍ଷ ଧରି ପ୍ରଧାନଶିକ୍ଷକ ଦାୟିତ୍ୱରେ ରହି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ଦୁଇବର୍ଷ ପରେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ ପୂରଣ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।

# ଅଗ୍ନିକାଣ୍ଡରେ ୪ ପରିବାର ସର୍ବସ୍ୱାନ୍ତ

● ବିପନ୍ନଙ୍କୁ ଭେଟି ସହାୟତା ଦେଲେ ପୂର୍ବତନ ମନ୍ତ୍ରୀ

କିଶୋରନଗର,୭ ।୬(ସମିସ): କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ସାନରୋହିଲା ଗାଁରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୭ ବଖରା ଘର ଭସ୍ମୀଭୂତ ହୋଇଛି । ୪ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ପଳଉ ଛତ୍ରିଆ, ସଞ୍ଜୟ ଛତ୍ରିଆ, ବିଜୟ ଛତ୍ରିଆ ଓ ଅଭୟ ଛତ୍ରିଆଙ୍କ ଘର ପୋଡ଼ିଯାଇଛି । ଖବରପାଇ ବାମୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିପନ୍ନ ପରିବାରର ୧୨ ସଦସ୍ୟଙ୍କୁ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଭେଟି ଡାଲି, ଚାଉଳ, ଶାଢ଼ି, ଧୋତି ଓ ଡ୍ରେସ ଆଦି ଯୋଗାଇଦେବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ବିଜେପି ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ଚିକୁନ ବିଶ୍ୱାଳ ମଧ୍ୟ ବିପନ୍ନ ପରିବାରଙ୍କୁ ସମେବଦନା ଜଣାଇବା ସହ ରିଲିଫ ସାମଗ୍ରୀ ପ୍ରଦାନ କରିଛନ୍ତି ।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଛେଣ୍ଡିପଦା,୭ ।୬(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ବରନାଳିଠାରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାଗଡିଆ ଗାଁର ରାଜେଶ ସାହୁ । ରାଜେଶ ହଳ କରିବା ପାଇଁ ନିଜ ଟ୍ରାକ୍ଟର ନେଇ ବିଲକୁ ଯାଉଥିବା ବେଳେ ବରନାଳିଠାରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା । ରାଜେଶ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ‘ପ୍ରାଥମିକ ସ୍ତରରୁ ଶିକ୍ଷାର ଉନ୍ନତି ସରକାରଙ୍କ ପ୍ରାଥମିକତା’

କଣିହାଁ,୭ ।୬(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଆଧୁନିକ କରିବା ଲକ୍ଷ୍ୟରେ କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବ୍ୟାରେଜ ପ୍ରାଥମିକ ବିଦ୍ୟାଳୟ ଏବଂ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ନୂତନ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ବିଧାୟକ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ନିଜ ଅଭିଭାଷଣରେ ମହାନ୍ତି କହିଥିଲେ ଯେ ପ୍ରାଥମିକ ସ୍ତରରୁ ଶିକ୍ଷାର ଉନ୍ନତି ଓ ବିକାଶ ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ଆରମ୍ଭ ହୋଇଥିବା ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ସେ ସୂଚନା ଦେଇଥିଲେ ଯେ ପ୍ରତ୍ୟେକ ବିଦ୍ୟାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରାୟ ୭ କୋଟି ଟଙ୍କା ବ୍ୟୟ କରୁଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୨,୨୦୦ଟି ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏଥିପାଇଁ ୧୨ ହଜାର କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି ।



ଶିକ୍ଷା ହେଉଛି ସମାଜର ଉନ୍ନତିର ମୂଳ ଆଧାର । ଗ୍ରାମାଞ୍ଚଳର ଶିଶୁମାନଙ୍କୁ ସହରାଞ୍ଚଳ ଭଳି ଆଧୁନିକ ଶିକ୍ଷା ସୁବିଧା ଯୋଗାଇବା ନିମନ୍ତେ ସରକାର ଏହି ଯୋଜନା ମାଧ୍ୟମରେ ଉନ୍ନତ ଭିତ୍ତିଭୂମି ସମ୍ପନ୍ନ ବିଦ୍ୟାଳୟ ନିର୍ମାଣ କରୁଛନ୍ତି । ଏହି ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସରୁମ୍, ବିଶୁଦ୍ଧ ପାନୀୟ ଜଳ, ଉନ୍ନତ ଶୌଚାଳୟ, ଖେଳପଡ଼ିଆ ଓ ଉତ୍କୃଷ୍ଟ ପ୍ରଶିକ୍ଷଣୀୟ ପରିବେଶର ବ୍ୟବସ୍ଥା ରହିବ । ନୂତନ ଶିକ୍ଷା-ନୀତି-୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବେ ବୋଲି କହିବା ସହ ଏହି ଯୋଜନା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ସମଲ ଓ ବଜ୍ରକୋଟ ଅଞ୍ଚଳର ଶିଶୁମାନଙ୍କ ପାଇଁ ଏହି ନୂତନ ବିଦ୍ୟାଳୟ ଏକ ବରଦାନ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ କରି ମହାନ୍ତି କହିଥିଲେ ଯେ ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ସହ ଉନ୍ନତ ଭିତ୍ତିଭୂମିର ସୁବିଧା ପାଇବେ ଏବଂ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ । କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମାର, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ପ୍ରଧାନ, ଏବିଡିଓ ଶ୍ରୁତିକୃଷ୍ଣା ମହାପାତ୍ର, ଆଇଆରସିସି ବୁଲୁ ସ୍ୱାଇଁ, ସମଲ ବ୍ୟାରେଜ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ, ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅର୍ଜୁନ ଦେହୁରୀ, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ, ବିଦ୍ୟାଳୟ ସଭାପତି ଟିକନ ଦେହୁରୀ, ବିଜେପି ଜିଲ୍ଲା ଉପସଭାପତି ନୃସିଂହ ଚରଣ ବରାଳ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ସାମଲ, ମନୋଜ ବିଶ୍ୱାଳ, ତ୍ରିପୁରାରୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ବିଶ୍ୱ ସାଇକଲ ଦିବସ-୨୦୨୬ ପାଳିତ

# ଅନୁଗୋଳ ପୁଲିସର ‘ସାଇକଲରେ ରବିବାର’

ଅନୁଗୋଳ,୭ ।୬(ସମିସ):

ବିଶ୍ୱସାଇକଲଦିବସ-୨୦୨୬ ପାଳନଅବସରରେ ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ସାଇକଲରେ ରବିବାର’ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଏବଂ ଅନୁଗୋଳ ଏସପି ରାହୁଲ ଜୈନ ସବୁଜ ସଙ୍କେତ ଦେଖାଇ ଶୁଭାରମ୍ଭ କରିଥିଲେ । ଏକ ସୁସ୍ଥ ଏବଂ ଅଧିକ ସକ୍ରିୟ ରାଷ୍ଟ୍ର ଗଠନ ପାଇଁ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଦୃଷ୍ଟିକୋଣ ସହିତ ସମନ୍ୱିତ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ଲୋକପ୍ରିୟ ଫିଟନେସ୍ ଏବଂ ସୁସ୍ଥତା ପଦକ୍ଷେପର ନିରନ୍ତରତାକୁ ଚିହ୍ନିତ ଏବଂ ନାଗରିକମାନଙ୍କୁ ଉତ୍ତମ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ସାଇକ୍ଲିଂକୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟର ନିୟମିତ ଅଂଶ ଭାବେ ଗ୍ରହଣ କରିବାକୁ ଆଇଜି ଭୋଇ ଉତ୍ସାହିତ କରିଥିଲେ ।






ଜୁନ ୭ ତାରିଖ ବିଶ୍ୱ ସାଇକଲ ଦିବସ ପାଳନ ଅବସରରେ ଅନୁଗୋଳ ଜିଲ୍ଲା ପୁଲିସ ସକାଳ ସାଢ଼େ ୬ଟା ବେଳେ ଅନୁଗୋଳ ଥାନା ଛକରୁ ହୁଲୁରସିଂହା-ହେମସରପଡ଼ା ଛକ ଦେଇ ପୁଣି ଅନୁଗୋଳ ଥାନା ଛକ ଅତିକ୍ରମ କରି ଛେଳିଆପଡ଼ାରେ ପୁଲିସ ରିଜର୍ଭ ଅଫିସ ଯାଏ ସାଇକଲ ରାଲି ଆୟୋଜନ କରିଥିଲା । ଏହି ରାଲିରେ ପୁଲିସ କର୍ମଚାରୀ, ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି, ସାଇକ୍ଲିଂ ଉତ୍ସାହୀ ପ୍ରାୟ ୭୫ ଜଣ ଅଂଶଗ୍ରହଣ କରିଥିଲେ । ସାଇକଲ ଚାଳନାକୁ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପର ଏକ ସୁଗମ, ପରିବେଶ ଅନୁକୂଳ ଏବଂ ପ୍ରଭାବଶାଳୀ ଉପାୟ

## ଉତ୍ତମ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ସାଇକ୍ଲିଂକୁ ପ୍ରୋତ୍ସାହନ

ଭାବେ ପ୍ରୋତ୍ସାହିତ କରି ଏହି ଉଦ୍ଦେଶ୍ୟଗୁଡ଼ିକୁ ଆହୁରି ମଜବୁତ କରିଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଡିଏସପି ଜାଗେଶ୍ୱରୀ ବେହେରା, ଆଇଆଇସି ପ୍ରକାଶ ମାଝୀ ପ୍ରମୁଖଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ବଧିର କ୍ରିକେଟ ଦଳରେ ଅନିନ୍ଦିତ ମନୋନୀତ

କିଶୋରନଗର,୭ ।୬(ସମିସ): ଓଡ଼ିଶା ବଧିର କ୍ରିକେଟ୍ ସଂଘ ଆସନ୍ତା ଆଇଡିସିଏ ତୃତୀୟ ୧୯ ବର୍ଷରୁ କମ୍ ଟି-୨୦ ଜାତୀୟ ବଧିର କ୍ରିକେଟ୍ ଚାମ୍ପିଅନସିପ୍ ଫର ୨୦୨୬ରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶା ବଧିର ପୁରୁଷଙ୍କ ଅଣ୍ଡର ୧୯ ପ୍ଲେଇଂ ଏକାଦଶ ଦଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛି । ଟୁର୍ଣ୍ଣାମେଣ୍ଟ ବିବରଣୀ ଜୁନ୍ ୨୨ରୁ ୨୬ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ଅନନ୍ତପୁରରେ ଅନୁଷ୍ଠିତ ହେବ । ଆୟୋଜକ ଭାରତୀୟ ବଧିର କ୍ରିକେଟ୍ ସଂଘ ନେତୃତ୍ୱରେ ଖେଳାଯିବ । ଏଥିରେ ଅଧିନାୟକ ଭାବେ ଶିବୁନ୍ ନନ୍ଦ, ଉପ-ଅଧିନାୟକ ଭାବେ ସ୍ମୃତିରଞ୍ଜନ ବାରିକଙ୍କୁ ଚୟନ କରାଯାଇଛି । କିଶୋରନଗର ବ୍ଲକ ପଡ଼ିଆ ବନ୍ଧୁପାଲି ଗ୍ରାମର ରାଜକିଶୋର ରାଉଳଙ୍କ ପୁଅ ଅନିନ୍ଦିତ୍ ରାଉଳ ୱିକେଟ୍ କିପର ବ୍ୟାଟର ଭାବେ ସ୍ଥାନ ପାଇଛନ୍ତି ।



## ବାଲି ବୋଝେଇ ଟିପର ଧରିଲେ ଉପଜିଲ୍ଲାପାଳ



କାମାକ୍ଷାନଗର, ୭ ।୬(ସମିସ): କାମାକ୍ଷାନଗରରେ ନୂତନ ଭାବେ ଯୋଗଦେଇଥିବା ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି ଏକ ବେଆଇନ ବାଲି ବୋଝେଇ ଟିପର ଧରିଛନ୍ତି। କଲେଜ ବାଇପାସ ନିକଟରେ ଯାଉଥିବା ଟିପରକୁ ରବିବାର ସକାଳେ ଜବତ କରିଛନ୍ତି। କାମାକ୍ଷାନଗର ଅଞ୍ଚଳରେ ବେଆଇନ ଭାବେ ଦୈନିକ ଅନେକ ଗାଡ଼ିରେ ବାଲି ଚାଲାଣ ହେଉଛି। ରବିବାର ସକାଳେ ଉପଜିଲ୍ଲାପାଳ ସେହି ରାସ୍ତାରେ ଯାଉଥିବା ବେଳେ ବାଲି ଗାଡ଼ି ଯାଞ୍ଚ କରିଥିଲେ। ଉପଯୁକ୍ତ ଦସ୍ତାବିଜ ନ ଥିବାରୁ ଘଟଣାସ୍ଥଳକୁ ଖଣି ଅଧିକାରୀ ଓ ପୁଲିସକୁ ଡାକି ଟିପରକୁ ହସ୍ତାନ୍ତର କରିଥିଲେ।

## ମେଘା ପାହାଡ଼ରେ ହାତୀ



ଢେଙ୍କାନାଳ, ୭ ।୬(ସମିସ): ଢେଙ୍କାନାଳ-କପିଳାସ ରାସ୍ତାର କୁକୁଡ଼ାଝୋଳ ନିକଟରେ ଥିବା ମେଘା ପାହାଡ଼ରେ ଦୁଇଟି ଦନ୍ତାହାତୀ ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ଏ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବନବିଭାଗ ହାତୀ ଦୁଇଟିର ଗତିବିଧି ଉପରେ ନଜର ରଖି ଯାତାୟତ କରୁଥିବା ଲୋକ ଓ ଆଖପାଖ ଅଞ୍ଚଳବାସୀଙ୍କୁ ସତର୍କ କରିବାକୁ ବାଦ୍ୟ ହୋଇଛି।

## ଖଣିରେ ବିସ୍ଫୋରଣ, ଜଣେ ମୃତ

ଢେଙ୍କାନାଳ, ୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା କଷ୍ଟିପାଳଠାରେ ଥିବା ଏକ ଖଣିରେ ବିସ୍ଫୋରଣ ଘଟି ଜଣେ ଶ୍ରମିକଙ୍କ ଜୀବନ ଯାଇଛି। ମୃତ ଶ୍ରମିକଙ୍କ ପରିଚୟ ମିଳିନାହିଁ। ଏ ନେଇ ବିଭିନ୍ନ ଗୁଜବ ପ୍ରଚାର ହେଉଥିବା ବେଳେ ଗୁଜବଠାରୁ ଦୂରେଇ ରହିବାକୁ ପୁଲିସ ନିର୍ଦ୍ଦେଶନାମା ଜାରି କରିଛି। ନିହଲପ୍ରସାଦ ଥାନା କଷ୍ଟିପାଳରେ ଏକ କଳା ମୁଗୁନି ପଥର ଖଣି ରହିଛି। ଏହି ଖଣିର ଲାଇସେନ୍ସ ଥିବା ବେଳେ ବ୍ଲାଷ୍ଟିଂ ପାଇଁ ମଧ୍ୟ ଅନୁମତି ରହିଛି। ଏ ଦିଗରେ ତଦନ୍ତ ଜାରି ରହିଛି। ବ୍ଲାଷ୍ଟିଂ ଯୋଗୁଁ ଜଣକଙ୍କ ମୃତ୍ୟୁ ଘଟିଥିବା ପୁଲିସ କହିଥିବା ବେଳେ କୌଣସି ଗୁଜବକୁ ବିଶ୍ୱାସ ନ କରି ଅଧିକାରୀଙ୍କ ପକ୍ଷରୁ ଦିଆଯାଉଥିବା ତଥ୍ୟ ଉପରେ ବିଶ୍ୱାସ କରିବାକୁ ଜିଲ୍ଲା ପୁଲିସ ତରଫରୁ ନିବେଦନ କରାଯାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଓଡ଼ାପଡ଼ା, ୭ ।୬(ସମିସ): କଣ୍ଟାବଣିଆ ଥାନା ନରେନ୍ଦ୍ରପୁର ଗ୍ରାମରେ ଏକ ଭଡ଼ାଘରେ ଜଣେ ମହିଳାଙ୍କ ମୃତଦେହ ଝୁଲୁଛି। ମୃତକ ଜଣକ ମୟୂରଭଞ୍ଜ ଅଞ୍ଚଳର ସାବିତ୍ରୀ ବୋଲି ଜଣାପଡ଼ିଛି। ସ୍ୱାମୀ ଗଙ୍ଗାଙ୍କ ସହ ସାବିତ୍ରୀ ନରେନ୍ଦ୍ରପୁରର ପ୍ରମୋଦ କୁମାର ଭୋଇଙ୍କ ଘରେ ଭଡ଼ାରେ ରହୁଥିଲେ। ସାବିତ୍ରୀଙ୍କ ମୃତଦେହ ଘର ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଗଙ୍ଗା କେଉଁଆଡ଼େ ପଳାଇ ଯାଇଥିବାରୁ ଘଟଣା ବିଷୟରେ ଅଧିକ ବିବରଣୀ ମିଳିପାରି ନାହିଁ। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନାହିଁ।

## ୮ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି

ଗଁଦିଆ, ୭ ।୬(ସମିସ): ସରକାରୀ ବିଦ୍ୟାଳୟଗୁଡ଼ିକରେ ସରକାର ସହକାରୀ ଶିକ୍ଷକଙ୍କୁ ପଦୋନ୍ନତି ଦେଇ ପ୍ରଧାନଶିକ୍ଷକ ନିଯୁକ୍ତି କରିଛନ୍ତି। ଏହି କ୍ରମରେ ଗଁଦିଆ ଅଞ୍ଚଳରେ ଖାଲି ପଡ଼ିଥିବା ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇଛି। ଅଶ୍ୱଖୋଲା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଚକ୍ରଧର ଭୋଇ, ରାଏସିଂପ୍ରସାଦ ଚଣ୍ଡିଆର ଦୀନବନ୍ଧୁ ଓଝା, ଡାଳସିଙ୍ଗା ମାର୍ଥାପୁରର ଗଗନ ବିହରୀ ପାଣିଗ୍ରାହୀ ନିଜ ନିଜ ସ୍କୁଲରେ ସହକାରୀ ଶିକ୍ଷକରୁ ପ୍ରଧାନଶିକ୍ଷକକୁ ପଦୋନ୍ନତି ପାଇ ପୁନଃ ଅବସ୍ଥାପିତ ହୋଇଛନ୍ତି। ଦେଓଗାଁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ନାୟକ ମଙ୍ଗଳପୁର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛନ୍ତି। କଙ୍କଡ଼ାହାଡ଼ ବିରିବୋଳେଇ ଉଚ୍ଚ ବିଦ୍ୟାଳୟର ସୁଶୀଲ ସାହୁ ସନ୍ଥପୁର ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛନ୍ତି। ନିହଲପ୍ରସାଦ ଉଚ୍ଚ ବିଦ୍ୟାଳୟରୁ ରାଜଶ୍ରୀ ଜେନା କରମୂଳ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛନ୍ତି। ଇନ୍ଦିପୁର ଉଚ୍ଚ ବିଦ୍ୟାଳୟର ସୁଧାଂଶୁ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛନ୍ତି। ଷଡ଼ଙ୍ଗୀର ଶ୍ରୀନିବାସ ସାହୁ ବାଇଁଶିଅକୁ ବଦଳି ହୋଇଥିବା ଜଣାପଡ଼ିଛି।

## ଯାଉଁଳି ପୋଖରୀ ମଠ ମହନ୍ତଙ୍କ ବିୟୋଗରେ ଶୋକ

ଢେଙ୍କାନାଳ, ୭ ।୬(ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜଙ୍କ ବିୟୋଗରେ ଶ୍ରୀ ଜଗନ୍ନାଥ ସେବା ପରିଷଦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଭାପତି ପ୍ରଦ୍ୟୁମ୍ନ ରଥ ଏକ ଶୋକ ବାର୍ତ୍ତାରେ କହଛନ୍ତି ଯେ ଦିଗମ୍ବର ଆଖଡ଼ା ରାମାଉତ ସମ୍ପ୍ରଦାୟର ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ଅତୀତରେ ମଠର ଷଷ୍ଠ ମଠାଧିଶ ଦାସରଥୀ ଦାସ ମହାରାଜଙ୍କ ସମୟରେ ମଠର ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ଗୁରୁ ମୋହନ ଚରଣ ଦାସ ମହାରାଜଙ୍କ ବିୟୋଗ ପରେ ସେ ୨୦୨୧ ମେ ମାସରୁ ମଠାଧୀଶ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ, ମିଷ୍ଟଭାଷୀ, ଦୟାଳୁ ଓ ଶ୍ରୀରାମ ପାଦାଶ୍ରୀତ ବ୍ୟକ୍ତ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଯାଉଁଳିପୋଖରୀ ମଠ ପରିଚାଳନା କ୍ଷେତ୍ରରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ମହାପ୍ରଭୁ ଶ୍ରୀରଘୁନାଥଜୀଉ ତାଙ୍କ ଦିବ୍ୟାତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

# ଅଧାରୁ ମଞ୍ଚ ଛାଡ଼ି ପଳାଇଲେ ମନ୍ତ୍ରୀ

ଗଁଦିଆ, ୭ ।୬(ସମିସ)

ଗଁଦିଆ ବ୍ଲକ କାବେର ମାଧପୁର ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ କାର୍ଯ୍ୟକ୍ରମ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ମତ ପ୍ରକାଶ କରିଥିଲେ। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ଦୀପ୍ତିଞ୍ଜନ ସେଠୀ, ଗଁଦିଆ ବିଡିଓ ପବିତ୍ର ବେହେରା, ତହସିଲଦାର ସତ୍ୟାନନ୍ଦ ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମିତି ସଭ୍ୟ ଶତ୍ରୁଘ୍ନ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ସୁବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାକୁ ଆଭାସୀ ଦ୍ୱାରା ଭାବ ଆଦାନ ପ୍ରଦାନର କୌଣସି ବ୍ୟବସ୍ଥା ନ ଥିବାରୁ କାର୍ଯ୍ୟକ୍ରମ ଅଧାରୁ ମନ୍ତ୍ରୀ ରାଗି ଚାଲିଯାଇଥିଲେ। ମାତ୍ର ହାତଗଣତି ସରକାରୀ କର୍ମଚାରୀ ବସି ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିଥିଲେ। ଏହି ଦ୍ୱିତୀୟ ପର୍ଯ୍ୟାୟରେ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀ ଗଁଦିଆ କାବେରା, ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ରାସୋଳର ନୂଆପାଟଣା, ଓଡ଼ାପଡ଼ା ବ୍ଲକ କାଶିଆଡିହ, ନୟାଭାଗୀରଥିପୁର, ମଙ୍ଗଳପୁର, କାମାକ୍ଷାନଗର ନିର୍ବାଚନମଣ୍ଡଳୀ ବାରୁଆଁ (କ)ରେ ବିଦ୍ୟାଳୟ ହେବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଗଁଦିଆ ବିଇଓ ମନୋଜ କୁମାର ଦଳେଇ ସୂଚନା ଦେଇଛନ୍ତି।



## ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଶିଳାନ୍ୟାସ

ହିନ୍ଦୋଳ/ଖଜୁରିଆକଟା, ୭ ।୬(ସମିସ): ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ହିନ୍ଦୋଳ ବ୍ଲକରେ ପ୍ରଥମ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ହୋଇଛି। ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ନୂଆପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହାର ଶିଳାନ୍ୟାସ କରିଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ସମ୍ମାନିତ ଅତିଥି ଭାବେ ତହସିଲଦାର ଦିଲୀପ କୁମାର ସେଠୀ, ବିଇଓ ହରିହର ଦେହୁରୀ, ଏବିଇଓ ଲଳିତ କୁମାର ସେଠୀ, ସଞ୍ଜୟ ନାୟକ, ପ୍ରକାଶ ପ୍ରଧାନ, ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ମାଳତୀ ଜେନାଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପଣ୍ଡିତ ଗୋଦାବରୀ ଆଦର୍ଶ ସ୍କୁଲ କମିଟି ସଭାପତି ରବି ନାରାୟଣ ପୃଷ୍ଟି, ସମ୍ପାଦକ ଅଖିଳ କୁମାର ପୃଷ୍ଟି, କୋଷାଧ୍ୟକ୍ଷ କାହ୍ନୁଚରଣ ପୃଷ୍ଟି, ଅଧ୍ୟାପକ ରମେଶ ସାହୁ, ଉଭୟ ନୂଆପାଟଣା ଏବଂ ମୁଣ୍ଡିଆପଶି ଗାଁର ସଭାପତି ସମ୍ପାଦକ, କମିଟି ସଦସ୍ୟ ସାମ୍ବାଦିକ ବିକ୍ରମ ସାହୁ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି ଓ ସ୍ଥାନୀୟ ସରପଞ୍ଚ ଯୋଗଦେଇଥିଲେ। ଏହି ସ୍କୁଲ ପାଇଁ ସରକାର ପ୍ରାୟ ୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଠାରେ ପିଲାମାନଙ୍କୁ ମାଗଣାରେ ଖାଇବା ରହିବା ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ ପିଲାମାନେ ଏଠାରେ ପଢ଼ିପାରିବେ ବୋଲି ସେ ସୂଚନା ଦେଇଛନ୍ତି।



**ଓଡ଼ାପଡ଼ା:** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୨୦୪ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ତନ୍ମଧ୍ୟରୁ ଓଡ଼ାପଡ଼ା ବ୍ଲକରେ ୩ ବିଦ୍ୟାଳୟକୁ ଚୟନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ହେଲା ମଙ୍ଗଳପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କାଶିଆଡିହି ଶ୍ରୀ ଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନୟାଭାଗୀରଥିପୁର ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ। ମଙ୍ଗଳପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ଅବସରରେ ଓଡ଼ାପଡ଼ା ଏବିଇଓ ପୌଲସ୍ତ୍ୟ ସାହୁ ମୁଖ୍ୟଅତିଥି, ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ମଙ୍ଗଳପୁର ସରପଞ୍ଚ କାନନବଳା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବନିତା ବେହେରା ସଭାପତିତ୍ୱ କରିତିଲେ।

## ୧୫ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତ

# ବାଦ୍ ପଡ଼ିଲା ଭୁବନ ହାଇସ୍କୁଲ

ଭୁବନ, ୭ ।୬(ସମିସ): ଦୀର୍ଘ ୫ବର୍ଷ ପରେ ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକର ସହକାରୀ ଶିକ୍ଷକଙ୍କୁ ପଦୋନ୍ନତି ଦେଇ ପ୍ରଧାନଶିକ୍ଷକ ନିଯୁକ୍ତି ଦେଇଛନ୍ତି। ଏହି କ୍ରମରେ ଭୁବନ ଅଞ୍ଚଳରେ ଖାଲି ପଡ଼ିଥିବା ୧୫ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସେହି ସ୍କୁଲର ଶିକ୍ଷୟିତ୍ରୀ ନମିତା ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ସେହି ସ୍କୁଲର ମନିତା ସାହୁଙ୍କୁ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଜୋରାଗାଡ଼ିଆ, ଶିକ୍ଷକ ଦୀପକ କୁମାର ବେହେରାଙ୍କୁ ହିନ୍ଦୋଳ ବ୍ଲକ ସଞ୍ଚପଡ଼ାକୁ ବଦଳି କରାଯାଇଛି। ଜାତୀୟ ବିଦ୍ୟାନିକେତନର କାର୍ଯ୍ୟକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଏଚଙ୍କୁ ସେହି ସ୍କୁଲରେ ନିଯୁକ୍ତି ମିଳିଛି। ମୃଦଙ୍ଗା ଉଚ୍ଚ ବିଦ୍ୟାଳୟର ଦୀପ୍ତିରଞ୍ଜନ ପୃଷ୍ଟିଙ୍କର ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ସ୍କୁଲକୁ ବଦଳି ହୋଇଛି। ମୃଦଙ୍ଗାର ସୁଶାନ୍ତ କୁମାର ସାହୁଙ୍କୁ ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ଭୂଷଳ-କୀର୍ତ୍ତନପୁର ବଦଳି କରାଯାଇଛି। ସେଠାରୁ ଅକ୍ଷୟ ଶତପଥୀଙ୍କୁ ଅନଳ ଶ୍ରୀମା ଅରବିନ୍ଦ ବିଦ୍ୟାଳୟକୁ ବଦଳି କରାଯାଇଛି। ମାର୍ଥାପୁର ଉଚ୍ଚ ବିଦ୍ୟାଳୟର ନିରଞ୍ଜନ ସାହୁଙ୍କୁ କଙ୍କଡାସୋଡ଼ାକୁ ବଦଳି ହୋଇଛି। ପ୍ରଦ୍ୟୁମ୍ନ ନାୟକ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ସୁରପ୍ରତାପପୁରର ଶିକ୍ଷକ ସେହି ସ୍କୁଲର ପ୍ରଧାନ ଶିକ୍ଷକ ହେଲେ। ଜିରାଳର ସରୋଜ ନାୟକ ସେହି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ମାର୍ଥାପୁରର ଲଳିତକୁମାର ସାହୁ ଯମୁନାକୋଟ ସତ୍ୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅନ୍ତର୍ଯ୍ୟାମୀ ଦେହୁରୀ ସୁରପ୍ରତାପପୁରରୁ ଗଁଦିଆ ବ୍ଲକ ଚିରୁଲେଇର ସୁଦର୍ଶନ ବିଦ୍ୟାପୀଠକୁ ବଦଳି ହୋଇଛି। ଜିରାଳର ମମତାମଞ୍ଜରୀ ସାହୁ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ପଳାଶପିଠିଆଗୋଡ଼ାକୁ ବଦଳି କରାଯାଇଛି। ସସ୍ମିତା ନାୟକ କଙ୍କଡ଼ାହାଡ଼ରୁ ତପୋବନ ଉଚ୍ଚ ବିଦ୍ୟାଳୟ କୁନିନ୍ଧାକୁ ବଦଳି ହୋଇଆସିଛନ୍ତି। ତେବେ ୧୫ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ଏଥିରୁ ବଞ୍ଚିତ ହୋଇଛି। ଏଥିସହ ଏହି ସ୍କୁଲରେ ଏନସିସି ଶିକ୍ଷକ ନ ଥିବାରୁ ଦୀର୍ଘବର୍ଷ ଧରି ପ୍ରଶିକ୍ଷଣ ବନ୍ଦ ରହିଛି। ଏହି ବଦଳି ରତୁରେ ଏନସିସି ଶିକ୍ଷକ ପଦ ପୂରଣ ହେଲେ ପୁଣି ଭୁବନ ହାଇସ୍କୁଲର ପୂର୍ବ ଗୌରବ ଫେରିପାଇବ ବୋଲି ମତ ପ୍ରକାଶ ପାଇଛି।

## ମିଶନ ରିକନଷ୍ଟ୍ରକ୍ସନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ

ଢେଙ୍କାନାଳ, ୭ ।୬(ସମିସ): ମିଶନ ରିକନଷ୍ଟ୍ରକ୍ସନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ପୁଲିସ ଲାଇନ ସରକାରୀ ୟୁପି ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। 'ପୃଥିବୀର ପୁନରୁଦ୍ଧାର କର, ନିଜ ଭବିଷ୍ୟତକୁ ସୁରକ୍ଷିତ କର' ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୁଲିସ ଲାଇନ ସରକାରୀ ୟୁପି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ, ମିଶନ ରିକନଷ୍ଟ୍ରକ୍ସନ ସଭାପତି ବିରଞ୍ଚି ନାରାୟଣ ପାଣି, ଚେୟାରମ୍ୟାନ ଡ. ବିଜୟ ମହାପାତ୍ର ଓ ଡ. ବିରଞ୍ଚିନାରାୟଣ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ରିକନଷ୍ଟ୍ରକ୍ସନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ପାଣି ଯୋଗଦେଇ ପ୍ରକୃତି ବଞ୍ଚାଅ, ଜୀବନ ବଞ୍ଚାଅ ବୋଲି କହିଥିଲେ। ଚେୟାରମ୍ୟାନ ମହାପାତ୍ର ମଣିଷ ପ୍ରକୃତିର ଆବଶ୍ୟକତା ନୁହେଁ, ପ୍ରକୃତି ମଣିଷର ଆବଶ୍ୟକତା ବୋଲି କହିଥିଲେ। ମିଶନ ରିକନଷ୍ଟ୍ରକ୍ସନର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




## ଅଗ୍ନି ବିପନ୍ନଙ୍କୁ ବିଜେଡି ପକ୍ଷରୁ ସହାୟତା



ଭୁବନ, ୭ ।୬(ସମିସ): ଭୁବନ ବ୍ଲକ କହ୍ନେଇପାଳ ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରଙ୍କୁ ବିଜେଡି ସହାୟତାର ହାତ ବଢ଼ାଇଛି। ବିପନ୍ନ ପରିବାରଗୁଡ଼ିକୁ ମାସକ ପାଇଁ ଆବଶ୍ୟକ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ବିଜେଡିର ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀମାନେ ଘଟଣାସ୍ଥଳ ପରିଦର୍ଶନ କରି ବିପନ୍ନଙ୍କ ଅବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଆଗାମୀ ଦିନରେ ମଧ୍ୟ ଯଥାସମ୍ଭବ ସହଯୋଗ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପିକ୍ଅପ୍-ବାଇକ ଧକ୍କା; ୨ ଗୁରୁତର

ଗଁଦିଆ, ୭ ।୬(ସମିସ): ଗଁଦିଆ ଏନଏସି ଅଞ୍ଚଳରେ ରବିବାର ସକାଳେ ପିକଅପ ସହ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଁଦିଆ ଥାନ ସୋରିରିଆପଦା ପଞ୍ଚାୟତ ବଣିଆ ଗ୍ରାମର ରଙ୍ଗଲାଲ ଗଇପାଇ (୨୦) ଓ ପଞ୍ଚୁଆ ସମରପୋଇ (୨୭)। ଏମାନେ ବାଇକରେ ନିଜ ଗ୍ରାମକୁ ଫେରୁଥିବା ବେଳେ ସମ୍ମୁଖରୁ ରଡ୍ ବୋଝେଇ କରି ଆସୁଥିବା ପିକ୍ଅପ ଗାଡ଼ି ସହ ବସାଷ୍ଟାଣ୍ଡଠାରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ବାଇକ ଆରୋହୀ ରଙ୍ଗଲାଲ ଓ ପଞ୍ଚୁଆ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଗଁଦିଆ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।



## କାଳବୈଶାଖୀରେ ଗଛ ପଡ଼ି ଭାଙ୍ଗିଲା ଘର

ଗଁଦିଆ, ୭ ।୬(ସମିସ): ଗଁଦିଆ ବ୍ଲକରେ ଆଜି ଅପରାହ୍ନରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ପବନ ସାଙ୍ଗକୁ ଘଡ଼ଘଡ଼ି ଓ ମୁଷଳଧାରରେ ବର୍ଷା କିଛି ସମୟ ପାଇଁ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଏହାର ପ୍ରଭାବରେ ଅନେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। ସନ୍ଥସରା ଗ୍ରାମର ବୋଧିମନ୍ତ ପ୍ରଧାନଙ୍କ ଆଜବେଷ୍ଟସ ଓ ଟାଇଲି ଘର ଉପରେ ଏକ ବିରାଟ ଗଛ ଭାଙ୍ଗି ପଡ଼ିଛି। ଏହି ସମୟରେ ଘର ଅଗଣାରେ କେହି ଉପସ୍ଥିତ ନ ଥିଲେ। ଫଳରେ କେହି ଆହତ ହୋଇନାହାନ୍ତି। ଗଁଦିଆ ଅଗ୍ନିଶମ ବାହିନୀର ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ ଗଛକୁ କାଟି ସଫା କରିଛନ୍ତି।



## କୁନିପିଲାଙ୍କ ଦହିସର୍ବତ ବଣ୍ଟନ

କାମାକ୍ଷାନଗର, ୭ ।୬(ସମିସ): ରାଜ୍ୟରେ ଏବେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ପଥଚାରୀଙ୍କ କଷ୍ଟ ଲାଘବ କରିବା ପାଇଁ ଆଗେଇ ଆସିଛନ୍ତି କିଛି କୁନିପିଲା। କାମାକ୍ଷାନଗର ଅନନ୍ତପୁର ସାହିର ପିଲାମାନେ ଏକାଠି ହୋଇ ସ୍ଥାନୀୟ ମାଉସୀ ମା' ମନ୍ଦିର ଛକରେ ଦହିସର୍ବତ ବଣ୍ଟନ କରିଛନ୍ତି। ଏହି ରାସ୍ତା ଦେଇ ଯାଉଥିବା ପଥଚାରୀଙ୍କୁ ଦହିସର୍ବତ ଦେବା ସହ ସେମାନଙ୍କୁ ଛତା, ଓ ପାଣି ବୋତଲ ବ୍ୟବହାର କରିବାକୁ ସଚେତନ କରିଥିଲେ। ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ଏହି କାର୍ଯ୍ୟ ଦେଖି ଅନନ୍ତପୁର ସାହିର ବୟସ୍କ ଲୋକମାନେ ବେଶ୍ ଖୁସିବ୍ୟକ୍ତ କରିବା ସହ ସେମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଦହି ସର୍ବତ ବଣ୍ଟନ କରିଥିଲେ।



# 'ଦୂଷିତ ପରିବେଶ ଯୋଗୁଁ ମନୁଷ୍ୟ ରୋଗାକ୍ରାନ୍ତ'

ଢେଙ୍କାନାଳ, ୭ ।୬(ସମିସ)

ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ସଭାପତି ପ୍ରଫେସର ଡା. ତୁଷାରକାନ୍ତି ନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମନୁଷ୍ୟ ଯେଉଁ ପଞ୍ଚଭୂତ ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶକୁ ନେଇ ସୃଷ୍ଟି ହୋଇଛି, ସେ ସବୁ ଉପାଦାନ ଏବେ ପ୍ରଦୂଷିତ ଓ ବିଷାକ୍ତ ହୋଇଯାଇଛି। ଏହାର ପରିଣାମ ସ୍ୱରୂପ ମନୁଷ୍ୟ ରୋଗାକ୍ରାନ୍ତ, ଶକ୍ତିହୀନ ହୋଇଯାଉଛି ଏବଂ ଅସମୟରେ ମୃତ୍ୟୁବରଣ କରୁଛି ବୋଲି ମତ ପ୍ରକାଶ ପାଇଥିଲା। ପୃଥିବୀ ସୃଷ୍ଟି ହେବା ସମୟରେ ପ୍ରକୃତି ଯେଉଁ ସବୁ ପଦାର୍ଥକୁ ଭୂପୃଷ୍ଠରୁ ଗଭୀର ସ୍ଥାନରେ ସାଇତି ରଖିଥିଲା, ମନୁଷ୍ୟ ତା'ର ବିଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ଖଣି ଖନନ କରି ସେସବୁକୁ ଭୂପୃଷ୍ଠ ଉପରକୁ ନେଇଆସିଛି। ଲୁହା, ଆଲୁମିନିୟମ, ଶିସା, ତମ୍ବା, କ୍ରୋମାଇଟ୍, କୋଇଲା, କଞ୍ଚାତେଲଠାରୁ ତେଜସ୍କ୍ରିୟ ୟୁରାନିୟମ ପର୍ଯ୍ୟନ୍ତ ଖନନ ହୋଇଚାଲିଛି। ଏ ସବୁ ପଦାର୍ଥର ବିଶୋଧନ ପ୍ରକ୍ରିୟାଠାରୁ ବ୍ୟବହାର ପର୍ଯ୍ୟନ୍ତ ସବୁ ପର୍ଯ୍ୟାୟରେ ଜଳ, ବାୟୁ, ମୃତ୍ତିକା ପ୍ରଦୂଷିତ ହେଉଛି। କଳକାରଖାନା ଏବଂ ସହରର ବର୍ଜ୍ୟବସ୍ତୁ ନଦୀ, ସମୁଦ୍ର ଜଳକୁ ଦୂଷିତ କରୁଛି। ବିଷାକ୍ତ ଜଳପାନ କରି କିଡ୍ନୀ, ଯକୃତ, ମସ୍ତିଷ୍କ ରୋଗ ଏବଂ କ୍ୟାନ୍ସର ଆଦି ରୋଗ ସୃଷ୍ଟି ହେଉଛି। ଗର୍ଭସ୍ଥ ଶିଶୁ ମଧ୍ୟ ଜେନେଟିକ୍ ରୋଗର ଶିକାର ହୋଇ ବିକଳାଙ୍ଗ ହୋଇ ଜନ୍ମ ନେଉଛି। କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଆଣିବା ନିମନ୍ତେ ରାସାୟନିକ ସାର, କୀଟନାଶକ ଔଷଧ, ଏପରିକି ହାଇବ୍ରିଡ୍ ବିହନର ବହୁଳ ବ୍ୟବହାର ଯୋଗୁଁ ମୃତ୍ତିକା ଏବଂ ଜଳ ପ୍ରଦୂଷିତ ହେବା ସହ ଶସ୍ୟ, ପନିପରିବା, ଫଳମୂଳ, ଦୁଗ୍ଧ, ମାଛ ମାଂସ, ସବୁଥିରେ ଏହି ବିଷାକ୍ତ ଅଂଶ ମନୁଷ୍ୟ ଶରୀରରେ ପ୍ରବେଶ କରି ମାରାତ୍ମକ ରୋଗ ସୃଷ୍ଟି କରୁଛି। କୋଇଲା, ପେଟ୍ରୋଲ, ଡିଜେଲ ଜଳିବା ଫଳରେ ପୃଥିବୀର ତାପମାତ୍ରା ବୃଦ୍ଧି ହୋଇ ମେରୁ ମଣ୍ଡଳରେ ବରଫ ତରଳି ସମୁଦ୍ର ଜଳପତ୍ତନ ବୃଦ୍ଧି ହୋଇ ଉପକୂଳ ଅଞ୍ଚଳ କ୍ଷୟ ହେବା ସହ ଭୂପୃଷ୍ଠ ସଙ୍କୁଚିତ ହେଉଛି। ଏହି ସବୁ ପଦାର୍ଥରୁ ନିର୍ଗତ ବାଷ୍ପ ନିଃଶ୍ୱାସରେ ଯାଇ ଫୁସଫୁସରେ ଅଙ୍ଗାର ଜମା କରି ଭବିଷ୍ୟତରେ ଶ୍ୱାସରୋଗ, ସିଓପିଡି, କ୍ୟାନ୍ସର ଆଦି ରୋଗ ସୃଷ୍ଟି କରୁଛି। ଅନେକ ସିଓପିଡି ରୋଗୀ ଏବେ ଘରେ ଭେଣ୍ଟିଲେଟର ବ୍ୟବହାର କରୁଛନ୍ତି। ପରିବେଶ ପ୍ରଦୂଷଣ ସମ୍ପର୍କରେ ଆଲୋଚନା, ପର୍ଯ୍ୟାଲୋଚନାର ଆବଶ୍ୟକତା ସହିତ ସଚେତନତା ଯେତିକି ଜରୁରୀ, ମନୁଷ୍ୟ ନିଜ ଜୀବନଶୈଳୀରେ କିଛି ପରିବର୍ତ୍ତନ ଆଣିବା ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷାରେ ତା'ର କର୍ତ୍ତବ୍ୟବୋଧର ପ୍ରମାଣ ଦେବା ଆବଶ୍ୟକ। ଖାଦ୍ୟ ରାନ୍ଧିବା ପ୍ରଣାଳୀରୁ ଆରମ୍ଭ କରି ଅଯଥା ବିଦ୍ୟୁତ ବ୍ୟବହାର, ଆବଶ୍ୟକତାରୁ ଅଧିକ ବସ୍ତ୍ର ଏବଂ ଘରୋଇ ସାମଗ୍ରୀ ବ୍ୟବହାର କମ୍ କରିବା, ବ୍ୟକ୍ତିଗତ ଯାନବାହାନ ପରିବର୍ତ୍ତେ ବସ୍, ଟ୍ରେନ ଆଦିରେ ଯାତ୍ରା କରିବା ପରିବେଶ ପ୍ରତି କର୍ତ୍ତବ୍ୟବୋଧ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ସଦସ୍ୟ ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ବିନୟ କୁମାର ସାହୁ ପ୍ରମୁଖ ରଚନାତ୍ମକ ସନ୍ଦେଶ ଦେଇଥିଲେ।

## ବାବା ବାଙ୍କଟ ବିହାରୀ ମଠରେ ବିଶ୍ୱ ପରିବେଶ ଦିବସ ପାଳିତ

ହିନ୍ଦୋଳ/ଖଜୁରିଆକଟା, ୭ ।୬(ସମିସ): ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ରଞ୍ଜାଗୋଳ ବାବା ବାଙ୍କଟ ବିହାରୀ ମଠ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମଞ୍ଚ ସଭାପତି ତ୍ରିନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବିଶ୍ୱାଳ, ଗ୍ରାମ ସଭାପତି ଲିଙ୍ଗରାଜ ସାହୁ, ଜଙ୍ଗଲ କମିଟି ସଦସ୍ୟା, ସଦସ୍ୟ, ଏଫଇଏସର କର୍ମୀ ବରିଷ୍ଠ ନାଗରିକ ଓ ମଠ ମହନ୍ତ ଯୋଗଦେଇଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା କରାଯାଇ ବିଜେତା ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ବିରଳ ଜଙ୍ଗଲୀ ମଞ୍ଜି ପ୍ରଦର୍ଶନ ଓ ମଠ ପରିସରକୁ ପ୍ଲାଷ୍ଟିକମୁକ୍ତ ଘୋଷଣା କରାଯାଇଥିଲା। ମଠ ପରିସରରୁ ପଞ୍ଚାୟତ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ସମ୍ପାଦକ ସୂର୍ଯ୍ୟନାରାୟଣ ସିଂହ, ସଭ୍ୟ ବିଜୟ କୁମାର ଜେନା, ବିମଳ ବିଶ୍ୱାଳ, ଅସିତ ଦେହୁରୀ, ସୁଭଦ୍ରା ସାହୁ, ବିନୋଦିନୀ ପ୍ରଧାନ, ସସ୍ମିତା ସାହୁ, ବିନତି ସାହୁ, ସୁକାନ୍ତି ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଜୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିମଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବନାଞ୍ଚଳ ଅଧିକାରୀ ଚାରା ପ୍ରଦାନ କରିଥିଲେ।



